# ଗ୍ରାମୀଣ କୃଷି ମୌସମ ସେବା

## ଭାରତୀୟ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)


**ପତ୍ର ସଂ–୪୨/୨୦୨୬ | ସପ୍ତାହ-୨୧ | ମଙ୍ଗଳବାର, ତାରିଖ-୨୬.୦୫.୨୦୨୬**

**ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :**

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୮୨.୪/୦୭ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦୦/୦୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୪୩.୭ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୯.୨ |

**କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :**

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କଳାହାଣ୍ଡି | ୨୭-୦୫-୨୦୨୬ | ୪ | ୪୫ | ୩୦ | ୩ | ୫୭ | ୧୪ | ୯ | ୧୯୨ |
| | ୨୮-୦୫-୨୦୨୬ | ୪ | ୪୬ | ୩୦ | ୩ | ୫୫ | ୧୧ | ୧୧ | ୨୧୩ |
| | ୨୯-୦୫-୨୦୨୬ | ୨ | ୪୬ | ୩୦ | ୨ | ୫୮ | ୧୨ | ୧୨ | ୨୦୩ |
| | ୩୦-୦୫-୨୦୨୬ | ୭ | ୪୪ | ୨୮ | ୩ | ୬୮ | ୧୯ | ୮ | ୨୦୫ |
| | ୩୧-୦୫-୨୦୨୬ | ୫ | ୪୩ | ୨୭ | ୩ | ୭୪ | 17 | ୭ | ୧୮୯ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

## ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ସାମାନ୍ୟ ରୁ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ଏହି ଦିନ ଗୁଡ଼ିକରେ ଆକାଶ ଆଂଶିକ ମେଘୁଆ ରହିବା ସହିତ ଦକ୍ଷିଣ ରୁ ଦକ୍ଷିଣ-ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୦୭ ରୁ ୧୨ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି । ଦିନର ସର୍ବାଧିକ ତାପମାତ୍ରା ୪୩-୪୬°C ମଧ୍ୟରେ ରହିବାର ସମ୍ଭାବନା ଅଛି, ଯାହା ଗରମର ପ୍ରକୋପ ଅଧିକ ରହିବାକୁ ସୂଚାଉଛି। ସେହିପରି ରାତିର ସର୍ବନିମ୍ନ ତାପମାତ୍ରା ୨୭-୩୦°C ପାଖାପାଖି ରହିପାରେ, ଯାହା ରାତିରେ ଗରମ ଅନୁଭୂତ ହେବାକୁ ଦର୍ଶାଉଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୫୫-୭୪% ଏବଂ ଅପରାହ୍ନରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୧-୧୯% ରହିପାରେ। ଏହା ସୂଚାଉଛି ଯେ, ସକାଳ ସମୟରେ ଗୁଳୁଗୁଳିଆ ପାଗ ରହିବା ସହ ଅପରାହ୍ନରେ ଅତ୍ୟଧିକ ଗରମ ଏବଂ ଶୁଖିଲା ପାଗ ହେବାର ସମ୍ଭାବନା ରହିଛି ।

**ଚେତାବନୀ : ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ଲହରୀ ପ୍ରବାହ ଏବଂ କିଛି ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ସହିତ ଘଣ୍ଟାପ୍ରତି ୪୦ ରୁ ୫୦ କି.ମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି । (ଆସନ୍ତାକାଲି ସକାଳ ୮.୩୦ ପର୍ଯ୍ୟନ୍ତ ବୈଧ) ।**

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

- ପ୍ରଖର ଗରମ ବା ଉଚ୍ଚ ତାପମାତ୍ରା ଯୋଗୁଁ, ଦିନର ସବୁଠାରୁ ଗରମ ସମୟ (ପୂର୍ବାହ୍ନ ୧୧:୦୦ ରୁ ଅପରାହ୍ନ ୪:୦୦ ଟା) ମଧ୍ୟରେ ବିଲରେ କାମ କରନ୍ତୁ ନାହିଁ
- ଘଡ଼ଘଡ଼ି ଏବଂ ବଜ୍ରପାତ ସମୟରେ ଘର ଭିତରେ ରୁହନ୍ତୁ, ଘରର କବାଟ ଓ ଝରକା ବନ୍ଦ ରଖନ୍ତୁ ଏବଂ ଯାତ୍ରା କରିବାରୁ ନିବୃତ୍ତ ରୁହନ୍ତୁ । ବଜ୍ରପାତର ସୂଚନା ପାଇବା ପାଇଁ "ଦାମିନୀ" (DAMINI) ମୋବାଇଲ୍ ଆପ୍‌ର ବ୍ୟବହାର କରନ୍ତୁ ।
- ବର୍ଷା ଯୋଗୁଁ ହେବାକୁ ଥିବା ସମ୍ଭାବ୍ୟ କ୍ଷତିରୁ ରକ୍ଷା ପାଇବା ପାଇଁ ପାକଳ ହୋଇଯାଇଥିବା ଫସଲ ବା କୃଷିଜାତ ଦ୍ରବ୍ୟକୁ ସମୟ ଅନୁଯାୟୀ ଅମଳ କରିଦିଅନ୍ତୁ ।
- ଔଷଧ ଧୋଇଯିବା ଜନିତ ଅପଚୟକୁ ରୋକିବା ଏବଂ ଏହାର ସଠିକ୍ କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ବର୍ଷା ସମୟରେ କୀଟନାଶକ ଏବଂ ସାର ସ୍ପ୍ରେ କରନ୍ତୁ ନାହିଁ ।
- ବର୍ତ୍ତମାନର ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ନିୟମିତ ଭାବେ ରୋଗ ଓ ପୋକର ପ୍ରାଦୁର୍ଭାବ ଉପରେ ନଜର ରଖିବା ସହ ସମୟାନୁବର୍ତ୍ତୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ▪ ଦୁଗ୍ଧବତୀ ଶଙ୍କର ଜାତୀୟ ଗାଈ ଗୁଡ଼ିକର ଅଧିକ ଯତ୍ନ ନିଅନ୍ତୁ, କାରଣ ସେମାନଙ୍କଠାରେ ଅଂଶୁଘାତ ବା ଗରମର ପ୍ରକୋପ ହେବାର ଆଶଙ୍କା ଅଧିକ ଥାଏ । |

**ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ**

| ଫସଲ ର ନାମ | ଫସଲ ଅବସ୍ଥା | ପରାମର୍ଶ |
|---|---|---|
| **କ୍ଷେତ୍ର ଫସଲ** | | |
| **ଡାଲୁଅ ଧାନ** | **ପାକଳ ରୁ ଅମଳ ଅବସ୍ଥା** | ▪ ଆଗାମୀ ପାଞ୍ଚ ଦିନ ମଧ୍ୟରେ ହାଲୁକା ବର୍ଷା ହେବାର ସମ୍ଭାବନା ଥିବାରୁ, ଧାନର ସୁରକ୍ଷା ପାଇଁ ଧାନକଟା ସରିଲା ପରେ ସେହି ଧାନ କୁ ଜମିରେ ନରଖି ଖଳାକୁ ନେଇ ଆସନ୍ତୁ ଏବଂ ପୋଲିଥିନ୍ ଦ୍ୱାରା ଘୋଡ଼ାଇ |

| | | |
|---|---|---|
| | | ସୁରକ୍ଷିତ ଏବଂ ଶୁଖିଲା ସ୍ଥାନରେ ରଖନ୍ତୁ। ଧାନ କଟା ଆରମ୍ଭ ହୋଇନଥିଲେ ବର୍ତମାନ ପାଇଁ ଧାନକଟା ସ୍ଥଗିତ ରଖନ୍ତୁ ।<br>▪ ଅମଳ ହେଇଥିବା ଧାନ କୁ ସୁପର ଗ୍ରେନ ବେଗ ରେ ସଂଗ୍ରହ କରି ତାହାକୁ ଭଲ ଭାବରେ ଘୋଡ଼ାଇ ରଖନ୍ତୁ ଯାହାଦ୍ୱାରା ଧାନର ଗୁଣବତ୍ତା ରଙ୍ଗ, ବାସ୍ନା, ସ୍ୱାଦ ଆଦି ନଷ୍ଟ ହେବ ନାହିଁ ଓ ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ହେଇ ରହିବ।<br>▪ ଧାନ ଅମଳ ପରେ ଜମିରେ ଥିବା ଅବଶେଷରେ ନିଆଁ ଲଗାନ୍ତୁ ନାହିଁ କାରଣ ଏହା ଦ୍ୱାରା ପରିବେଶ ଦୂଷିତ ହେବା ସହ ଶ୍ୱାସକ୍ରିୟା ଜନିତ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ଥାଏ। ସେହି ନଡ଼ାକୁ ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ। ଏହାଦ୍ୱରା ମାଟିର ଉର୍ବର ଶକ୍ତି ବଢ଼ିଥାଏ। ସେହି ନଡ଼ା ମଧ ମାଟିରୁ ଜଳୀୟଂଶ ବାଷ୍ପୀକରଣ କୁ ହ୍ରାସ କରିବା ସହ ମାଟିରେ ଥିବା ଜଳୀୟଂଶ କୁ ସଂରକ୍ଷଣ କରେ। |
| **ଉଦ୍ୟାନ କୃଷି** | | |
| **କଖାରୁ ଜାତୀୟ (କାକୁଡ଼ି, ଲାଉ, କଲରା, ଜହ୍ନି ପୋଟଳ)** | **ଫୁଲ/ଫଳ/ପରିପକ୍ୱ ଅବସ୍ଥା** | ▪ **ନାଲି କଖାରୁ ଭୃଙ୍ଗ ପୋକ :** ବର୍ତମାନ ପାଗରେ ନାଲି କଖାରୁ ଭୃଙ୍ଗ ପୋକ ର ସଂକ୍ରମଣ ଦେଖା ଦେଇପାରେ । ପତ୍ରରେ ସଂକ୍ରମଣର ଲକ୍ଷଣ ଦେଖାଗଲେ ଏକର ପ୍ରତି ୩୬୦ ମିଲି ସାୟାନ୍‌ଟ୍ରାନିଲିପ୍ରୋଲ୍ (Cyantraniliprole) ୧୦.୨୬% OD କୁ ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗରେ ସ୍ପ୍ରେ କରନ୍ତୁ । |
| **ଭେଣ୍ଡି** | **ଫୁଲ/ଫଳ/ପରିପକ୍ୱ ଅବସ୍ଥା** | ▪ **ସାହେବୀ ରୋଗ:** ଭେଣ୍ଡି ଫସଲରେ ହଳଦିଆ ଶିରା ମୋଜାଇକ୍ ଭୂତାଣୁ (Yellow Vein Mosaic Virus - YVMV) ବା ସାହେବୀ ରୋଗର ପରିଚାଳନା ପାଇଁ, ସକାଳୁ ସକାଳୁ ପ୍ରତି ଲିଟର ପାଣିରେ ୨-୩ ମିଲି ନିମ୍ବ ତେଲ (୧୦୦୦୦ ପିପିଏମ୍) ମିଶାଇ ସ୍ପ୍ରେ କରନ୍ତୁ ।<br>▪ ଏହି ରୋଗର ବାହକ ଅର୍ଥାତ୍ ଧଳାମାଛି (Whitefly) କୁ ନିୟନ୍ତ୍ରଣ ଏବଂ ରୋଗର ବିସ୍ତାରକୁ ରୋକିବା ପାଇଁ ଏକର ପ୍ରତି ୮ ଟି ହଳଦିଆ ଅଠା ଲାଗିଥିବା କାର୍ଡ (Yellow Sticky Trap) ଲଗାନ୍ତୁ । |
| **ଆମ୍ବ** | **ପରିପକ୍ୱ/ଅମଳ ଅବସ୍ଥା** | ▪ ଫଳରେ ଯେପରି କୌଣସି ପ୍ରକାର ଆଘାତ କିମ୍ବା ଦାଗ (bruise) ନଲାଗେ, ସେଥିପାଇଁ ସେଗୁଡ଼ିକୁ ସତର୍କତାର ସହ ଅମଳ ଏବଂ ରଖାଯିବା ଉଚିତ । ଲାସିଓଡିପ୍ଲୋଡିଆ ଫଳ ସଢ଼ା (Lasiodiplodia fruit rot) ରୋଗରୁ ରକ୍ଷା କରିବା ପାଇଁ ଫଳଗୁଡ଼ିକୁ ୧-୨ ଇଞ୍ଚର ଡେମ୍ଫ ସହିତ ଅମଳ କରନ୍ତୁ । |
| **ଅମୃତଭଣ୍ଡା** | **ଫଳ/ପରିପକ୍ୱ ଅବସ୍ଥା** | ▪ ଅମୃତଭଣ୍ଡା ଗଛର ରିଙ୍ଗ୍ ସ୍ପଟ୍ ଭୂତାଣୁ (Papaya ring spot virus) ରୋଗର ପରିଚାଳନା ପାଇଁ, ପ୍ରଥମେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ନିମ୍ବ ତେଲ ମିଶାଇ ଗଛର ପତ୍ରରେ ସ୍ପ୍ରେ କରନ୍ତୁ ଏବଂ ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତି ଲିଟର ପାଣିରେ ୨.୦ ମିଲି ସାଗରିକା (ଗଛର ବୃଦ୍ଧି ସହାୟକ ପୋଷକ ତତ୍ତ୍ୱ) ମିଶାଇ ଆଉ ଏକ ସ୍ପ୍ରେ କରନ୍ତୁ । |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଈ ଓ ମଇଁଷି** | | ▪ ଶଙ୍କର ଜାତୀୟ ଗାଈ ଯଥା ଜର୍ସି ଓ ହୋଲଷ୍ଟିନ ରଖିଥିବା ଚାଷୀ ଓ ପଣ୍ଡା ଓ ମଇଁଷି ରଖିଥିବା ଚାଷୀ ଖରାଦିନେ ଅଧିକ ସତର୍କତା ଅବଲମ୍ବନ କରନ୍ତୁ।<br>▪ ଉନ୍ନତ କିସମର ଦୁଧିଆଳୀ ଗାଈ ମାନଙ୍କ ପାଇଁ ଉପଯୁକ୍ତ ଗୁହାଳ କରିବା ଆବଶ୍ୟକ। ଯଦି ଗୁହାଳ ନାହିଁ ତେବେ ବର୍ତମାନ ଟାଣ ଖରାରେ ବାହାରକୁ ନଛାଡ଼ି ଅତିକମରେ ୯ ଫୁଟ ଉଚ୍ଚତାର ଚାଳଘର ତିଆରି କରି ରଖନ୍ତୁ।<br>▪ ବର୍ତମାନ ପାଗରେ ପଣ୍ଡା ଓ ମଇଁଷି ମାନଙ୍କୁ ପୋଖରୀ କିମ୍ବା ଚୁଆରେ ଗାଧୋଇ ଦିଅନ୍ତୁ।<br>▪ ଦିନର ତାପମାତ୍ରା ବୃଦ୍ଧି ପାଉଥିବାରୁ ଗାଈ ଓ ମଇଁଷିଙ୍କ ଉପରେ ଅଧଘଣ୍ଟା ଆନ୍ତରାଳରେ ୧ ରୁ ୫ ମିନିଟ ପର୍ଯ୍ୟନ୍ତ ପାଣି ସିଞ୍ଚନ କରନ୍ତୁ।<br>▪ ଆବଶ୍ୟକ ସ୍ଥଳେ ଉତ୍ତାପ ହ୍ରାସ ପାଇଁ ଫେନ ର ବ୍ୟବସ୍ଥା କରନ୍ତୁ ଓ ପ୍ରଚୁର ମାତ୍ରାରେ ପାନୀୟ ଜଳ ଯୋଗାଇ ଦିଅନ୍ତୁ। |
| **ଛେଳି ଓ ମେଣ୍ଢା** | | ▪ ସିମେଣ୍ଟ, କଂକ୍ରିଟ ଯୁକ୍ତ ଛାତ ଘରେ ଛେଳି ଓ ମେଣ୍ଢା ରଖିଥିବା ଚାଷୀ ମାନେ ଛାତ ଉପରେ ନଡ଼ା ପକାନ୍ତୁ ଏବଂ ଛାତକୁ ଧଳା ରଙ୍ଗରେ ପ୍ୟାଣ୍ଟ କରନ୍ତୁ। ସମ୍ଭବ ହେଲେ ଫଲସ ସିଲିଂ ର ବ୍ୟବସ୍ଥା କରନ୍ତୁ। ଦିନ ୧୦ ଟା ରୁ ୪ ଟା ପର୍ଯ୍ୟନ୍ତ ବାହାରକୁ ଛାଡ଼ନ୍ତୁ ନାହିଁ। |
| **କୁକୁଡ଼ା** | | ▪ ଦିନର ତାପମାତ୍ରା ବୃଦ୍ଧି ପାଉଥିବା ହେତୁ କୁକୁଡ଼ା ଘରକୁ ଯଥା ସମ୍ଭବ ଥଣ୍ଡା ରଖିବା ପାଇଁ ଯତ୍ନଶୀଳ ହୁଅନ୍ତୁ । କୁକୁଡ଼ା ମାନଙ୍କୁ ଉପଯୁକ୍ତ ପରିମାଣର ଦାନା ଓ ପନୀୟ ଜଳ ପ୍ରଦାନ କରନ୍ତୁ ।<br>▪ ବର୍ତମାନ ପାଗରେ କୁକୁଡ଼ା ରଖିଥିବା ଘରକୁ ଦିନବେଳା ପରଦା ଢାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ। |

| | |
|---|---|
| | ▪ କୁକୁଡ଼ା ରହୁଥିବା ଘରେ ଫ୍ୟାନ ଓ ଫଗର ର ବ୍ୟବସ୍ଥା କରନ୍ତୁ ଏବଂ ସେହି ଘରେ ଉତ୍ତମ ବାୟୁ ଚଳା ଚଳ କରୁଥିବା ସୁବିଧା କରନ୍ତୁ । ଜଳରେ ଭିଟାମିନ ସି ଓ ଇଲେକଟ୍ରୋଲାଇଟ (electrolyte) ମିଶାଇ ଦେବା ଦ୍ୱାରା କୁକୁଡ଼ା ମାନଙ୍କ ଠାରେ ଗ୍ରୀଷ୍ମ ଚାପ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥାଏ । |

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**